## ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

ସମ୍ବଲପୁର, ୧୦।୨(ସମିସ): ଟାଉନ ଥାନା ମୁଦିପଡ଼ା ଅଞ୍ଚଳରେ ଜଣେ ୩୯ ବର୍ଷୀୟ ବ୍ୟକ୍ତି ଆୟହତ୍ୟା କରିଛନ୍ତି। ଘରେ କେହି ନଥିବା ବେଳେ ସେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକ ବାହାରକୁ କୌଣସି କାମରେ ଯାଇଥିଲେ। ଆଜି ଅପରାହ୍ନରେ ଘରକୁ ଫେରିବା ପରେ ଝୁଲନ୍ତା ଅବସ୍ଥାରେ ମୃତଦେହ ଦେଖିଥିଲେ। ପୁଲିସକୁ ଖବର ଦେବା ବଦଳରେ ସେମାନେ ଶବ ନେଇ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ପାରିବାରିକ କଳହରୁ ଏପରି ଘଟଣା ଘଟିଥିବା ଅନୁମାନ କରାଯାଉଛି।

## ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା




ରେଢ଼ାଖୋଲ, ୧୦।୨(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ମହିଳା କଲେଜର ଅଧ୍ୟକ୍ଷା ମମତା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଏଥିରେ ଛାତ୍ରୀମାନଙ୍କ ଅନୁଶାସନ, ଶୃଙ୍ଖଳା, ସମୟାନୁବର୍ତ୍ତୀ, କର୍ତ୍ତବ୍ୟନିଷ୍ଠା, ଦୃଢ଼ ଲକ୍ଷ୍ୟକୁ ଜୀବନର ବ୍ରତ ସଦୃଶ୍ୟ ପାଳନ କରି ସମାଜରେ ସାଫଲ୍ୟ ମଣ୍ଡିତ ହେବେ, ସେ ସମ୍ପର୍କରେ ଅଧ୍ୟକ୍ଷା ବକ୍ତବ୍ୟ ପ୍ରଦାନ କରିଥିଲେ। ଯୁକ୍ତଦୁଇ ପ୍ରଥମବର୍ଷ ଓ ଦ୍ୱିତୀୟ ବର୍ଷ କଳାବିଜ୍ଞାନ ଛାତ୍ରୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଯୁକ୍ତଦୁଇ ପ୍ରଥମ ବର୍ଷର କଳବିଜ୍ଞାନର ପ୍ରାଚୀ ଓ ପ୍ରଜ୍ଞାବିଦାୟ ସଭାର ସଂଯୋଜନା କରିଥିଲେ।

# ତାତିଲେ ପଞ୍ଜୀକରଣରୁ ବାଦ ପଡ଼ିଥିବା ଚାଷୀ





- ଅମ୍ବାଭୋନା ବ୍ଲକ୍ କାର୍ଯ୍ୟାଳୟ ଘେରଉ
- ଧାନ ବୋଝେଇ ଟ୍ରାକ୍ଟର ରଖି ରାତିସାରା ଧାରଣା
- ସପରିବାର ଆନ୍ଦୋଳନର ଚେତାବନୀ

ଅମ୍ବାଭୋନା, ୧୦।୨(ସମିସ)

ବିନା ଟୋକନ ଧାନ ବିକ୍ରି ହେଉନଥିବା ଓ ମଣ୍ଡିରେ ଅବିକ୍ରି ଧାନ ସମସ୍ୟାକୁ ନେଇ ଅମ୍ବାଭୋନା ବ୍ଲକ ଅଧୀନ ବାରପାହାଡ କୃଷକ ସଂଗଠନ ଓ ଲାଲବାହାଦୁର ଶାସ୍ତ୍ରୀ କୃଷକ ସଂଗଠନର ମିଳିତ ଆହ୍ୱାନରେ ଶତାଧିକ ଚାଷୀ ଆଜି ବ୍ଲକ କାର୍ଯ୍ୟାଳୟ ଘେରଉ କରିଛନ୍ତି। ପ୍ରକାଶପୁର ବସ୍‌ଷ୍ଟାଣ୍ଡରୁ ଧାନ ବୋଝେଇ ଟ୍ରାକ୍ଟର ନେଇ ଶୋଭାଯାତ୍ରାରେ ଚାଷୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଧାରଣାରେ ବସିଥିଲେ। ବିଭିନ୍ନ ଗାଁର ଶହଶହ ଚାଷୀ ବିନା ଟୋକନରେ ଧାନ ବିକ୍ରି ନ ହେବା ନେଇ ଗଭୀର ଚିନ୍ତାରେ ରହିଛନ୍ତି। ଆନ୍ଦୋଳନ ସ୍ଥଳରେ ବରଗଡ଼ ଜିଲ୍ଲା ଏଆରସିଏସ ବାଦଲ ସାହାଣୀ, ରାଧାକାନ୍ତ ମେହେର, ଅମ୍ବାଭୋନା ବ୍ଲକ ବିଡିଓ ଡଃ ଲଳିତ ବାଗ, ଅମ୍ବାଭୋନା ଥାନା ଅଧିକାରୀ ସୌରଭ ଭୋଇ ଓ ଯୋଗାଣ ନିରୀକ୍ଷକ ପ୍ରଭାତ ପ୍ରଦୀପ୍ତ ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ସହ ଦୀର୍ଘ ସମୟ ଆଲୋଚନା କରିଥିଲେ। ଚାଷୀ ବରା ମଣ୍ଡିରେ ପଡ଼ି ରହିଥିବା ହଜାର ହଜାର ଧାନ ବସ୍ତା ଉଠାଇବା, ବିନା କଟନୀ-ଛଟନୀ ଓ ବିନା ଟୋକନ ଧାନ ବିକ୍ରି ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ପ୍ରଶାସନ ପକ୍ଷରୁ ଆସନ୍ତା କାଲିଠାରୁ ମଣ୍ଡିରେ ପଡ଼ିଥିବା ଧାନ ଉଠାଇବା ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଇ ଥିଲେ ମଧ୍ୟ ବିନା ଟୋକନ ଧାନ ବିକ୍ରି ସମ୍ଭବ ନୁହେଁ ବୋଲି ସ୍ପଷ୍ଟ କରାଯାଇଥିଲା। ଏହା ପରେ ଚାଷୀଙ୍କ ଅସନ୍ତୋଷ ଆହୁରି ବଢ଼ିଥିଲା। ସମାଧାନ ନମିଳିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସପରିବାର ଆନ୍ଦୋଳନ ଚାଲିବ ବୋଲି କୃଷକ ସଂଗଠନ ଚେତାବନୀ ଦେଇଛନ୍ତି। ଧାନ ବୋଝା ଟ୍ରାକ୍ଟର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରଖି ଚାଷୀ ଶୀତ କାକର ମଧ୍ୟରେ ରାତିସାରା ଧାରଣା ଦେଇଛନ୍ତି। ଅମ୍ବାଭୋନା ବ୍ଲକରେ ଏପର୍ଯ୍ୟନ୍ତ କେବଳ ୬୦ ପ୍ରତିଶତ ଧାନ ଉଠିଥିବା ବେଳେ ବରା ମଣ୍ଡିରେ ପ୍ରାୟ ୧୧ ହଜାର ପାକେଟ ଧାନ ପଡ଼ି ରହିଛି। ପଞ୍ଜୀକରଣରୁ ବାଦ ପଡ଼ିଥିବା ୧୪୪ ଜଣ ଚାଷୀଙ୍କ ମଧ୍ୟରୁ ମାତ୍ର ୩୦ ଜଣଙ୍କୁ ଟୋକନ ମିଳିଥିବା ବେଳେ ୧୧୪ ଜଣ ଟୋକନ ପାଇନାହାନ୍ତି। ଆନ୍ଦୋଳନରେ ବାରପାହାଡ କୃଷକ ସଂଗଠନ ସଭାପତି ଇସାନ ଚନ୍ଦ୍ର ଭୋଇ, ଉପଦେଷ୍ଟା ରମେଶ ମହାପାତ୍ର, ଅଭିମନ୍ୟୁ ସାହୁ, ଭୀଷ୍ମ ଦେବ ଦୁଆନ, ଲାଲବାହାଦୁର ଶାସ୍ତ୍ରୀ କୃଷକ ସଂଗଠନର ଇମାନୁଏଲ ଦଉରଣବୀର, ରାଜେନ୍ଦ୍ର ଦେହେରୀ, ପ୍ରକାଶ ଚନ୍ଦ୍ର ବେହେରା ସହ ଶତାଧିକ ଚାଷୀ ସାମିଲ ଥିଲେ।

## କଳସ ଶୋଭାଯାତ୍ରା ସହ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଶୁଭାରମ୍ଭ

ଭେଡେନ, ୧୦।୨(ସମିସ): ଭେଡେନ ବ୍ଲକ ଚିଚିଣ୍ଡା ଛକରେ ୩ ଦିନ ଧରି ହେବାକୁ ଥିବା ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ଗ୍ରାମବାସୀ ଓ ପୂଜା କମିଟିର ସଦସ୍ୟ ମାନେ କଳସ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ପୋଖରୀରୁ ପୂର୍ଣ୍ଣ କଳସ ଆଣି ଛକ ପରିକ୍ରମା ପରେ ପୂଜା ମଣ୍ଡମରେ ସ୍ଥାପନ ପରେ ଅଙ୍କୁରା ରୋପଣ, ଅଧିବାସ, ପାର୍ଶ୍ୱ ଦେବତା ପୂଜା ସମେତ ବିଧି ନୁସାରେ ଅନେକ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରତିଷ୍ଠା ଉତ୍ସବରେ ଶିବ ପ୍ରକାଶ ଅଗ୍ରୱାଲ, ସଞ୍ଜୀବ ଅଗ୍ରୱାଲ, ମନୋଜ ଅଗ୍ରୱାଲ, ଅଶୋକ ଅଗ୍ରୱାଲ ସପତ୍ନୀକ କର୍ତ୍ତା କାର୍ଯ୍ୟ ତୁଲାଉଥିବା ବେଳେ ପଣ୍ଡିତ ରାଣା ପ୍ରତାପ ପଣ୍ଡା, ଶୁକଦେବ ଶତପଥୀ, ପ୍ରିୟବ୍ରତ ଶତପଥୀ, ସୁଧାଂଶୁ ପୁରୋହିତ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଉଛନ୍ତି।

## ଛେତଗାଁରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ପାଇକମାଳ, ୧୦।୨(ସମିସ): ପାଇକମାଳ ବ୍ଲକ ଛେତଗାଁ ସିଏଚସିରେ ଏଲଟିଆଇ ମାଇଣ୍ଡଟ୍ରି ସହଯୋଗରେ ମହାଶକ୍ତି ଫାଉଣ୍ଡେସନ ଦ୍ୱାରା ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ତ୍ରୀରୋଗ ସମସ୍ୟା, କିଶୋରୀ ପ୍ରଜନନ ଓ ସ୍ୱାସ୍ଥ୍ୟ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗର୍ଭବତୀ ମହିଳା ଓ କିଶୋରୀ ଝିଅମାନଙ୍କ ପାଇଁ ବିପି, ସୁଗର ଓ ହିମୋଗ୍ଲୋବିନ୍ ପରୀକ୍ଷା କରାଯାଇଥିଲା। ଶିବିରରେ ୫ଟି ଗାଁରୁ ୧୦୨ ଜଣ ରୋଗୀ ଆସିଥିଲେ। ସମତୁଳିତ ଓ ସୁସ୍ଥ ଖାଦ୍ୟ ଅଭ୍ୟାସ ବିଷୟରେ ଓ ଶରୀର ପାଇଁ ପୋଷଣର ଗୁରୁତ୍ୱ ବୁଝାଇଥିଲେ। ବଲାଙ୍ଗିର ଡିଡିଏଚ ଅବସରପ୍ରାପ୍ତ ସ୍ତ୍ରୀରୋଗ ବିଶେଷଜ୍ଞ ଡ.ପୁଷ୍ପାଞ୍ଜଳି ମିଶ୍ର ଚିକିତ୍ସା ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ପାଇକମାଳ ସିଡିପିଓ ବାସନ୍ତୀ ପୃତ୍ତି, ମହାଶକ୍ତି ଫାଉଣ୍ଡେସନ ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରଜ୍ଞାରାଣୀ ବାରିକ ସହିତ ଆଶାକର୍ମୀ ଓ ଏଏନଏମ ଉପସ୍ଥିତ ଥିଲେ।

## ଗଉଡ଼ମାଳରେ ଜିଲ୍ଲା ସଂକୀର୍ତ୍ତନ ପରିଷଦର ସାଂଗଠନିକ ବୈଠକ

ଝାରବନ୍ଧ, ୧୦।୨(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଗଉଡମାଲ ଗାଁରେ ବରଗଡ଼ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାବାରାମ ନାରାୟଣ ଦାସ, ବରିଷ୍ଠ ଉପଦେଷ୍ଟା ଲଳିତ ମୋହନ ପଣ୍ଡା, ରାମ ଚନ୍ଦ୍ର ସାହୁ, ପ୍ରମୋଦ ପ୍ରଧାନ ପ୍ରମୁଖ ଜିଲ୍ଲାରେ ସାଂଗଠନିକ ସ୍ଥିତି ଉପରେ ଆଲୋଚନା କରିଥିଲେ। ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ଆନୁକୂଲ୍ୟରେ ଗତ ମାସର ରାଜ୍ୟ ସମ୍ମିଳନୀର ସମୀକ୍ଷା କରାଯାଇଥିଲା। ଏହି ଅବସରରେ ସଂଯୋଜକ ଶିବାଜୀ ବାଗଙ୍କ ସମେତ ବରିଷ୍ଠ ସଦସ୍ୟ ଦେବରାଜ ପ୍ରଧାନ, ଶାନ୍ତାରଣା, ବସନ୍ତ ଭୁଏ, କ୍ଷୀର ସାଗର ବାଗ, ବିରଜାନନ୍ଦ ପ୍ରଧାନ, ପ୍ରମୋଦ ସାହୁ, ୟଶ ପଟେଲ, ମଣି ସାହୁ, ଉମାକାନ୍ତ ସାହୁ ଶରତ ସାହୁ, ନରୋତ୍ତମ ରଣା, ଦିଗାମ୍ବର ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଗାଁରେ ସଙ୍କୀର୍ତ୍ତନ ପରିଷଦର ସାଂଗଠନିକ ସ୍ଥିତି ଉପସ୍ଥାପନ କରିଥିଲେ।

## ଲରମ୍ଭା କଲେଜରେ ମହିଳା ଆତ୍ମସୁରକ୍ଷା ତାଲିମ ଶିବିର



ଅତାବିରା, ୧୦।୨(ସମିସ): ଅତାବିରା ବ୍ଲକସ୍ଥିତ ଲରମ୍ଭା କଲେଜଠାରେ ମହିଳା ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଦିବସରେ ସଂଯୋଜିକା ପାୟଲ ସାହୁ, ଅଧ୍ୟାପକ ସିଦ୍ଧେଶ୍ୱର ପଧାନ, ଅଧ୍ୟାପିକା କାଦମ୍ବିନୀ ଗୁରୁ, ସୁଭଦ୍ରା ସାହୁ, ପ୍ରମୋଦ ଚନ୍ଦ୍ର ସେଟ ଯୋଗ ଦେଇଥିଲେ। ଚଳିତ ବର୍ଷ ଯୁକ୍ତତିନି ପ୍ରଥମ ବର୍ଷର ୨୧୪ ଜଣ ଛାତ୍ରୀ ଭାଗ ନେଇ ଥିଲେ। ତାଲିମ୍ ଶିବିରଟି କଲେଜ ଖେଳ ପଡ଼ିଆରେ ଜାନୁଆରୀ ୨୪ରୁ ଫେବୃଆରୀ ୩ରେ ସମାପନ ହୋଇଥିଲା। ମଙ୍ଗଳବାର ଉଦ୍‌ଯାପନୀ ଦିବସରେ ଛାତ୍ରୀ ମାନଙ୍କୁ ଅଂଶୀଦାର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ତାଲିମଦାତ୍ରୀ ଭାବେ ସୁଜାତା ଭୁଏ ଯୋଗଦାନ କରିଥିଲେ। ଏଥିରେ କଲେଜର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

**ହୀରାକୁଦ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ**

## ବରଗଡ଼ ୟୁନାଇଟେଡ୍ ବିଜୟୀ

ହୀରାକୁଦ, ୧୦।୨(ସମିସ): ଅଲ୍ ଓଡ଼ିଶା ହୀରାକୁଦ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ର ଦ୍ୱିତୀୟ ସେମିଫାଇନାଲ ସମ୍ବଲପୁର ୟୁନାଇଟେଡ ଓ ବରଗଡ଼ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବରଗଡ଼ ୟୁନାଇଟେଡ ୨୦ ଗୋଲ ବ୍ୟବଧାନରେ ବିଜୟ ଲାଭ କରି ଫାଇନାଲରେ ନିଜର ସ୍ଥାନ ବନାଇବରେ ସକ୍ଷମ ହୋଇଥିଲା। ଆସନ୍ତା ୧୨ ତାରିଖରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ହୀରାକୁଦ ଆଥେଲେଟିକ୍



ଆସୋସିଏସନ୍ ଓ ବରଗଡ଼ ୟୁନାଇଟେଡ୍ ମଧ୍ୟରେ ଖେଳାଯିବ। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେଇ ସର୍ବଶ୍ରେଷ୍ଠ ଖେଳାଳି ପଞ୍ଚୁ ବେରିହାଙ୍କୁ ସମ୍ମାନିତ କରିଥିଲେ। ହୀରାକୁଦ କ୍ରୀଡ଼ା ସଂସଦର କର୍ମ କର୍ତ୍ତା ଓ ଅନ୍ୟମାନେ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

**ଲୁହାପଙ୍କ ଲେଜେଣ୍ଡ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ସରଗିପାଲିକୁ ହରାଇ ଲୁହାପଙ୍କ ଚାମ୍ପିଅନ



ରେଢ଼ାଖୋଲ, ୧୦।୨(ସମିସ): ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ ଅଧୀନ ଲୁହାପଙ୍କ ଲେଜେଣ୍ଡ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗ୍ରାଣ୍ଡଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଲୁହାପଙ୍କ କ୍ରିକେଟ କ୍ଲବ୍ ବନାମ ସରଗିପାଲି କ୍ରିକେଟ କ୍ଲବ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଲୁହାପଙ୍କ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୧୦୭ ରନ ସଂଗ୍ରହ କରିଥିଲା। ଏଥିରେ ସରଗିପାଲି ୮ ଓଭରରେ ୭ ୱିକେଟ ହାସଲ ୧୦୨ କରି ପରାସ୍ତ ହୋଇଥିଲା। ଲୁହାପଙ୍କ ଟିମର ଧୀରେନ୍ ପ୍ଲେୟାର ଅଫ ଦି ମ୍ୟାଚ ଏବଂ ସୁଶାନ୍ତ ପ୍ଲେୟାର ଅଫ ଦ ସିରିଜ୍ ହୋଇଥିଲେ।। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବରେ ନାଏବ ଶୁଭେନ୍ଦ୍ର, ସୁଶାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ନରେଶ ବେହେରା, ଅଜିତ୍ ବେହେରା, ସଚିନ୍ ସାହୁ ଯୋଗଦେଇ ଉଭୟ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରିଥିଲେ।

## କୁଚିଣ୍ଡା ବ୍ଲକ୍ ପକ୍ଷରୁ ଭି.ବି.ଜି ରାମ୍‌ଜୀ କାର୍ଯ୍ୟକ୍ରମ



କୁଚିଣ୍ଡା, ୧୦।୨(ସମିସ): କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀକକ୍ଷରେ କୁଚିଣ୍ଡା ବିଡିଓ ଜୟନ୍ତ ସାହୁଙ୍କ ସଭାପତିତ୍ୱରେ ଭିବିଜି ରାମଜୀ ଯୋଜନାକୁ କିପରି ପ୍ରତ୍ୟେକ ଲୋକଙ୍କ ପାଖକୁ ପହଞ୍ଚାଯାଇ ପାରିବ ସେନେଇ ଆଲୋଚନା କରାଯାଇଥିଲା। କୃଷି ଆଉ କୃଷକର ବିକାଶ ପାଇଁ ଜଳ ସୁରକ୍ଷା, ଗ୍ରାମୀଣ ମୌଳିକ ଭିତ୍ତିଭୂମି ସୁଦୃଢୀକରଣ ଜୀବିକା ପ୍ରୋତ୍ସାହନ, ସଶକ୍ତ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସହ ଆହୁରି ଅନେକ ଗୁଡିଏ କାର୍ଯ୍ୟ ଏହି ଯୋଜନା ଅନ୍ତର୍ଭୁକ୍ତ ରହିବା ଦ୍ୱାରା ଅଞ୍ଚଳର ବିକାଶ ରେ ସହାୟକ ହେବ ଓ ଶ୍ରମିକ ଆଉ ହଇରାଣ ହେବେ ନାହିଁ ବୋଲି ବିଡିଓ ଶ୍ରୀ ସାହୁ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରଜ୍ଞା ପରିମିତା ନାୟକ, ଜଗମୋହନ କିସାନ, ବିଏଫଓ ଅଜୟ ବାଗେ, ଏବିଓ ଫୁଲବନ୍ତ ବାଘ ପ୍ରମୁଖ ମଞ୍ଚାସିନ ଥିଲେ।

## ବାଲ୍ୟ ବିବାହ ଓ କିଶୋରୀ ସଶକ୍ତିକରଣ ସଚେତନା ସଭା



କୁଚିଣ୍ଡା, ୧୦।୨(ସମିସ): କୁଚିଣ୍ଡା ବ୍ଲକ ସମ୍ମିଳନୀ ଗୃହଠାରେ ବାଲ୍ୟ ବିବାହ ଓ କିଶୋରୀ ସଶକ୍ତିକରଣ ପାଇଁ ଏକ ଟାସ୍କଫୋର୍ସ ସମିତିର ବୈଠକ ଆୟୋଜନ କରାଯାଇଥିଲା। ଜୟନ୍ତ ସାହୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉକ୍ତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କୁଚିଣ୍ଡା ବ୍ଲକରେ କିପରି ଭାବରେ ଶିଶୁ ମାନଙ୍କୁ ସୁରକ୍ଷା ଦିଆଯିବ ଓ ବାଲ୍ୟ ବିବାହ ମୁକ୍ତ କରାଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କାନ୍ତି କୌସିକ୍ ହେମ୍ବ୍ରମ ପ୍ରଥମେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁନୀତା ତ୍ରିପାଠୀ ଲକ୍ଷ୍ୟ ଓ ସମ୍ବଲପୁର ଜିଲ୍ଲାରେ ନିଆ ଯାଇଥିବା ବିଭିନ୍ନ ପଦେକ୍ଷପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କୁଚିଣ୍ଡା ଏବିଡିଓ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କର ଅବଦାନ ସମ୍ପର୍କ ରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ, ସରପଞ୍ଚ, ସୁପରଭାଇଜର ମାନେ ଯୋଗ ଦେଇଥିଲେ।

## ସମାଜସେବୀ ସରୋଜ ଅଗ୍ରୱାଲଙ୍କ ପରଲୋକ



ପଦ୍ମପୁର, ୧୦।୨(ସମିସ): ପଦ୍ମପୁର ଅଞ୍ଚଳର ସମାଜସେବୀ ସରୋଜ ଅଗ୍ରୱାଲଙ୍କ ୬୨ ବର୍ଷ ବୟସରେ ପଦ୍ମପୁର ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ପଦ୍ମପୁର ଅଞ୍ଚଳର ସମାଜସେବୀ ତଥା ଧାର୍ମିକ ସ୍ୱର୍ଗତ ଲକ୍ଷ୍ମୀ ନାରାୟଣ ଅଗ୍ରୱାଲଙ୍କ ଦ୍ୱିତୀୟ ପୁତ୍ର ଥିଲେ ଓ ପଦ୍ମପୁର ଅଗ୍ରୱାଲ ସମାଜର ସଭାପତି ଅମରଦୀପ ଅଗ୍ରୱାଲଙ୍କ ଭାଇଥିଲେ। ତାଙ୍କ ବିୟୋଗରେ ପଦ୍ମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ହୋଇଥିଲା। ଜ୍ୟେଷ୍ଠ ପୁତ୍ର ଚନ୍ଦନ ମୁଖାଗ୍ନି ଦେଇଥିଲେ।

# ବରଗଡ଼ରେ ବଢୁଛି କର୍କଟରୋଗ ଆତଙ୍କ

### କର୍କଟ ହସ୍ପିଟାଲ ଶୀଘ୍ର କାର୍ଯ୍ୟକ୍ଷମ କରାଯାଉ: ସାଂସଦ

ବରଗଡ଼, ୧୦।୨(ସମିସ)



ଜିଲ୍ଲାରେ ବୃଦ୍ଧି ପାଉଥିବା କର୍କଟରୋଗ ପ୍ରତି କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବରଗଡ଼ କର୍କଟ ହସ୍ପିଟାଲକୁ ଶୀଘ୍ର ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାର ଆବଶ୍ୟକତାକୁ ଧ୍ୟାନ ଦେବାପାଇଁ ସାଂସଦ ପ୍ରଦୀପ ପୁରୋହିତ ଚିଠି ଲେଖିଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ, ୨୦୧୩ରେ ଓଡ଼ିଶାରେ କର୍କଟରୋଗୀଙ୍କ ସଂଖ୍ୟା ୪୩, ୨୧୦ ରୁ ୨୦୨୨ରେ ୫୨, ୯୬୦କୁ ବୃଦ୍ଧି ପାଇଥିଲା। ଯେତେବେଳେ କର୍କଟ ମୃତ୍ୟୁ ୨୩, ୮୮୬ ରୁ ୨୯, ୨୮୭କୁ ବୃଦ୍ଧି ପାଇଥିଲା। (ଇସିଏମଆର୍)ର ଜାତୀୟ କର୍କଟ ପଞ୍ଜିକା କାର୍ଯ୍ୟକ୍ରମ ଅନୁଯାୟୀ ଏହି ସଂଖ୍ୟା ୫୫, ୦୦୦ ଅତିକ୍ରମ କରିବ ବୋଲି ଆଶା କରାଯାଉଛି। ପଶ୍ଚିମ ଓଡ଼ିଶାରେ ୨୦୨୧-୨୩ ମଧ୍ୟରେ ବରଗଡ଼, ସମ୍ବଲପୁର ଏବଂ ବଲାଙ୍ଗିର ଭଳି ଜିଲ୍ଲା ସମେତ ପ୍ରାୟ ୨୨, ୦୦୦ ନୂତନ ମାମଲା ରିପୋର୍ଟ ହୋଇଥିଲା। ଯେଉଁଥିରେ ବହୁ ସଂଖ୍ୟକ ଲୋକଙ୍କୁ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ଦାବି କରି କହିଛନ୍ତି ଯେ ୧୩୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ବରଗଡ଼ କର୍କଟ ହସ୍ପିଟାଲରେ ସମସ୍ତ ମଞ୍ଜୁର ପଦବୀ ତୁରନ୍ତ ପୂରଣ କରାଯାଉ ଏବଂ ଓଡ଼ିଶାର ଗରିବରୋଗୀ ମାନେ ସମୟୋଚିତ, ସୁଗମ ଏବଂ ଗୁଣାତ୍ମକ ଚିକିତ୍ସା ପାନ୍ତୁ ଏଥିସହ ପିଇଟି - ସିଟି ବିକିରଣ ଏବଂ ଆଇସିୟୁ ଭଳି ସେବା ମଧ୍ୟ ତୁରନ୍ତ ଆରମ୍ଭ କରାଯାଉ ବୋଲି ସାଂସଦ ଶ୍ରୀ ପୁରୋହିତ ଦାବି କରିଛନ୍ତି।

## ଗୁଡେରପାଲି କଲେଜରେ ବିଦାୟ ସମ୍ବର୍ଦ୍ଧନା ସମାରୋହ




ବରଗଡ଼, ୧୦।୨(ସମିସ): ଗାଇସିଲେଟ ବ୍ଲକ ଅଧୀନ ଗୁଡେରପାଲି ଯୁକ୍ତ ଦୁଇ କଳା ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରୀତିଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ବିଦାୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ନରେନ୍ଦ୍ର ଦେହେରୀ ସଭା ପରିଚାଳନା କରିଥିବା ବେଳେ ଡୁଙ୍ଗୁରିପାଲି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ସାମନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟିର ସଭାପତି କିଶୋର ପାତ୍ର, ସମ୍ପାଦକ କିଶୋର ଚନ୍ଦ୍ର ଦେବତାଙ୍କ ସମେତ ଉପଦେଷ୍ଟା ଶିବ ପ୍ରଧାନ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଥମ ବର୍ଷର ଛାତ୍ରଛାତ୍ରୀ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷରେ ଅଧ୍ୟାପିକା ଅର୍ଚ୍ଚନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

